# NATIONAL NEWS BULLETIN (ODIA)

## 29th March’ 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ମନ୍ କୀ ବାତ୍‌ର ୧୩୨ତମ ସଂସ୍କରଣରେ ଆଜି ପୂର୍ବାହ୍ନ ୧୧ଟାରେ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ ।

- ପଶ୍ଚିମ ଏସିଆ ପରିସ୍ଥିତି ଦୃଷ୍ଟିରୁ ସକ୍ରିୟ, ସମନ୍ୱିତ ଏବଂ ଭବିଷ୍ୟତମୁଖୀ ଆଭିମୁଖ୍ୟର ଆବଶ୍ୟକତା ଉପରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

- ମାନବିକ ଅଧିକାର ଓ ଧାର୍ମିକ ସ୍ଥିତି ନେଇ ପାକିସ୍ତାନର ସ୍ୱତନ୍ତ୍ର ବାଣିଜ୍ୟିକ ମାନ୍ୟତା ଯାଞ୍ଚ କରିବା ଲାଗି ୟୁରୋପୀୟ ସଂଘର ଦାବି ।

ଏବଂ

- ୧୯ତମ ଆଇ.ପି.ଏଲ୍. କ୍ରିକେଟ୍‌ର ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୬ ୱିକେଟ୍‌ରେ ପରାସ୍ତ କଲା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ କି ବାତ୍ କାର୍ଯ୍ୟକ୍ରମ ୧୩୨ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱ୍ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ରାଜନାଥ - ୱେଷ୍ଟ ଏସିଆ ମିଟିଂ

ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ସତର୍କ ରହିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆହ୍ୱାନ ଦେଇଛନ୍ତି । ଏକ ସକ୍ରିୟ, ସମନ୍ୱିତ ଏବଂ ଭବିଷ୍ୟତମୁଖୀ ଆଭିମୁଖ୍ୟର ଆବଶ୍ୟକତା ଉପରେ ଶ୍ରୀ ସିଂହ ଗୁରୁତ୍ୱାରୋପ କରିଛନ୍ତି । ଗତ ସନ୍ଧ୍ୟାରେ ନୂଆଦିଲ୍ଲୀରେ ଏକ ମନ୍ତ୍ରୀସ୍ତରୀୟ

ଗୋଷ୍ଠୀର ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ସିଂହ ଦେଶରେ ଶକ୍ତିଯୋଗାଣ, ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ଏବଂ ଦେଶର ଯୋଗାଣ ଶୃଙ୍ଖଳ ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ, ହରଦୀପ ସିଂହ ପୁରି, ଜେ.ପି. ନଡ୍ଡା, ଜିତେନ୍ଦ୍ର ସିଂହ ଓ କେ. ରାମମୋହନ ନାଇଡୁ ପ୍ରମୁଖ ଯୋଗ ଦେଇଥିଲେ ।

ମନ୍ତ୍ରିସ୍ତରୀୟ ବୈଠକରେ ଦେଶରେ ଯୋଗାଣ ଶୃଙ୍ଖଳ ସ୍ଥିର ରଖି ନାଗରିକମାନଙ୍କୁ ସେବା ଯୋଗାଇଦେବା ଲକ୍ଷ୍ୟରେ ସମସ୍ତ ବିଭାଗକୁ ପ୍ରସ୍ତୁତ ରହିବା ଲାଗି ମନ୍ତ୍ରୀ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ ସଠିକ୍ ସୂଚନା ପ୍ରସାରଣ ସୁନିଶ୍ଚିତ କରିବା ସହ ଗୁଜବ ଏବଂ ନକଲି ସୂଚନାକୁ ମୁକାବିଲା କରିବା ଲାଗି ସମସ୍ତ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକୁ ନିଜ ନିଜ ମଧ୍ୟରେ ସଠିକ୍ ସୂଚନା ଆଦାନ ପ୍ରଦାନ କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

## ପି.ଏମ୍. ମୋଦି - ନଏଡ଼ା ଏୟାରପୋର୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକର ମୁକାବିଲାପାଇଁ ସାମୂହିକ ପ୍ରୟାସ ଏବଂ ରାଷ୍ଟ୍ରୀୟ ଏକତା ବଜାୟ ରଖିବା ଲାଗି ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା

ପରିସ୍ଥିତି ସମ୍ପର୍କରେ ସଂସଦରେ ଆଲୋଚନା ହୋଇଛି ଏବଂ ମୁଖ୍ୟମନ୍ତ୍ରୀମାନଙ୍କ ସହ ମଧ୍ୟ ବୈଠକ କରାଯାଇଛି । ଗତକାଲି ଉତ୍ତର ପ୍ରଦେଶର ଗୌତମବୁଦ୍ଧ ନଗର ଜିଲ୍ଲାର ଜେୱାର୍‌ରେ ନୋଏଡ଼ା ଅନ୍ତର୍ଜାତୀୟ ବିମାନ ବନ୍ଦରର ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟନ କରିବା ପରେ ଶ୍ରୀ ମୋଦି ନାଗରିକମାନଙ୍କୁ ଧୈର୍ଯ୍ୟର ସହିତ ପରିସ୍ଥିତିର ମୁକାବିଲା ଲାଗି ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି :

***Voice (PM on India Strength)*** :.......

ଏହି ଅବସରରେ ଶ୍ରୀ ମୋଦି ସରକାରଙ୍କ ନୀତି ଏବଂ ରଣନୀତି ଦେଶବାସୀଙ୍କ ହିତଦୃଷ୍ଟିରେ ଉଦ୍ଦିଷ୍ଟ ବୋଲି କହିଛନ୍ତି । ସମସ୍ତ ରାଜନୈତିକ ଦଳ ଦେଶର ସାମୂହିକ ପ୍ରୟାସକୁ ଦୃଢ଼ କରିବ ବୋଲି ଶ୍ରୀ ମୋଦି ଆଶାପ୍ରକାଶ କରିଛନ୍ତି ।

## ଇରାନ୍ - ମିଡ୍‌ଲ୍‌ଇଷ୍ଟ କନ୍‌ଫ୍ଲିକ୍ଟ

ମଧ୍ୟପ୍ରାଚ୍ୟରେ ସଂଘର୍ଷ ଜାରି ରହିଥିବାବେଳେ ଦୁବାଇରେ ୨ଟି ଆମେରିକୀୟ ସେନା ଆଡ୍ଡା ଉପରେ ଆକ୍ରମଣ କରିଥିବା ଇରାନ୍ ଦାବି କରିଛି । ଇରାନ୍ ପକ୍ଷରୁ ଉଭୟ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ସହାୟତାରେ ୫ ଶହରୁ ଅଧିକ ଆମେରିକୀୟ ସୈନ୍ୟ ରହୁଥିବା ଶିବିର ଉପରେ ଆକ୍ରମଣ କରାଯାଇଥିବା କୁହାଯାଇଛି । ଇରାନୀ ମୁଖପାତ୍ର କହିଛନ୍ତି, ଦୁବାଇରେ

ଆମ୍ବୁଲାନ୍ସଗୁଡ଼ିକ ଆହତ ଏବଂ ମୃତ ଆମେରିକୀୟ ସୈନ୍ୟମାନଙ୍କୁ ସ୍ଥାନାନ୍ତର କରିଥିଲେ । ଅନ୍ୟପକ୍ଷରେ ନିଜର ସେନା ଉପରେ କୌଣସି ଆକ୍ରମଣ ହୋଇ ନ ଥିବା ଆମେରିକା କହିଛି । ଇତିମଧ୍ୟରେ ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍, ଆମେରିକା-ଇସ୍ରାଏଲ୍ ମେଣ୍ଟକୁ ସମର୍ଥନ କରୁଥିବା ଉପସାଗରୀୟ ଦେଶଗୁଡ଼ିକୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ଯଦି ସମ୍ପୃକ୍ତ ଦେଶଗୁଡ଼ିକ ସେମାନଙ୍କ ବିକାଶ ଓ ସୁରକ୍ଷା ନିଶ୍ଚିତ କରିବାକୁ ଚାହାନ୍ତି, ତେବେ ଆମେରିକା-ଇସ୍ରାଏଲ୍‌କୁ ଇରାନ୍ ଉପରେ ଆକ୍ରମଣ ଲାଗି ନିଜ ଅଞ୍ଚଳକୁ ବ୍ୟବହାର କରିବା ଲାଗି ଅନୁମତି ଦିଅନ୍ତୁ ନାହିଁ ।

## ପାକ୍-ଜି.ଏସ୍.ପି. ପ୍ଲସ୍ ଷ୍ଟାଟସ୍

ଜେନେଭାସ୍ଥିତ ଜାତିସଂଘ ମାନବାଧିକାର ପରିଷଦ’ ପାକିସ୍ତାନର ସ୍ୱତନ୍ତ୍ର ବାଣିଜ୍ୟିକ ମାନ୍ୟତାର ଯାଞ୍ଚ୍ କରିବା ଲାଗି କହିଛନ୍ତି । ପରିଷଦର ୬୧ତମ ଅଧିବେଶନରେ ଯୋଗ ଦେଇଥିବା ଅନେକଗୁଡ଼ିଏ ୟୁରୋପୀୟ ଦେଶର ରାଜନୀତିଜ୍ଞ ଏବଂ ରାଜନୈତିକ ପ୍ରତିନିଧି ୟୁରୋପୀୟ ସଂଘଦ୍ୱାରା ଦିଆଯାଇଥିବା ଜି.ଏସ୍.ପି. ପ୍ଲସ୍ ମାନ୍ୟତାର ଯାଞ୍ଚ୍ ଲାଗି ଦାବି କରିଛନ୍ତି । ୟୁରୋପୀୟ ସଂଘର ରିପୋର୍ଟ ଅନୁଯାୟୀ ପାକିସ୍ତାନରେ ମାନବିକ ଅଧିକାରର ଖରାପ ସ୍ଥିତି, ଧାର୍ମିକ ଓ ରାଜନୈତିକ ଦମନଲୀଳା ଏବଂ ଖ୍ରୀଷ୍ଟିଆନ୍‌ଙ୍କ ଦୁର୍ଦ୍ଦଶା

ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଆଗାମୀ ଦିନରେ ଏହା ବ୍ୟାପକ ହିଂସା ସୃଷ୍ଟି କରିବା ସମ୍ଭାବନା ରହିଥିବା ବୈଠକରେ ମତପ୍ରକାଶ ପାଇଥିଲା ।

## ନେପାଳ - ରିଫର୍ମ ଏଜେଣ୍ଡା

ନେପାଳର ନୂଆ ସରକାର ୧୯୯୦ରୁ ୨୦୨୬ ପର୍ଯ୍ୟନ୍ତ ସରକାରୀ ପଦପଦବିରେ ଥିବା ରାଜନୈତିକ ନେତା ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମ୍ପତ୍ତି ସମ୍ପର୍କରେ ତଦନ୍ତପାଇଁ କମିଟି ଗଠନ କରିବାକୁ ଘୋଷଣା କରିଛନ୍ତି । ନୂତନ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହାଙ୍କ ନେତୃତ୍ୱରେ ଗଠିତ ସରକାର ଗତକାଲି ଶହେ ସୂତ୍ରୀ ଶାସନ ସଂସ୍କାର ଅଭିଯାନ ଅଧୀନରେ ଆସନ୍ତା ୧୫ ଦିନ ମଧ୍ୟରେ ତଦନ୍ତ କମିଟି ଗଠନ କରିବେ । ଗତ ତିନି ଦଶନ୍ଧି ଧରି ସରକାରରେ ଥିବା ଅନେକ ରାଜନୈତିକ ନେତା ଦୁର୍ନୀତି ଅଭିଯୋଗର ସମ୍ମୁଖୀନ ହେଉଥିବାବେଳେ ବିଭିନ୍ନ ସମୟରେ ତଦନ୍ତ ଲାଗି ଦାବି ଉପସ୍ଥାପନ ହୋଇଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ସରକାର ଦୁର୍ନୀତି ସମ୍ପର୍କିତ ଆନ୍ଦୋଳନର ପ୍ରଭାବ ଯୋଗୁଁ ଗାଦିଚ୍ୟୁତ ହୋଇଥିଲା । ଦେଶରୁ ଦୁର୍ନୀତିକୁ ମୂଳୋତ୍ପାଟନ କରିବାପାଇଁ ନୂଆ ସରକାର ଏହି ଅଭିଯାନ ଆରମ୍ଭ କରିଥିବା ଜଣାପଡ଼ିଛି ।

## ଗୋୟଲ୍ - ଫିଶେରିଜ୍ ଡବ୍ଲ୍ୟୁ.ଟି.ଓ.

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ କହିଛନ୍ତି, ଭାରତରେ ମତ୍ସ୍ୟଚାଷ ଜୀବିକା ଏବଂ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ୯୦ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀଙ୍କପାଇଁ ଗୁରୁତ୍ୱପୂର୍ଣ୍ଣ ଉତ୍ସ ସାବ୍ୟସ୍ତ ହୋଇଛି । କାମରୁନ୍‌ରେ ବିଶ୍ୱ ବାଣିଜ୍ୟ ସଙ୍ଗଠନର ଚତୁର୍ଦ୍ଦଶ ମନ୍ତ୍ରୀସ୍ତରୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଗୋୟଲ୍ କହିଛନ୍ତି, ଭାରତୀୟ ମତ୍ସ୍ୟଜୀବୀମାନେ ପାରମ୍ପରିକ ପଦ୍ଧତିରେ ମତ୍ସ୍ୟଚାଷକୁ କେବଳ ଜୀବିକା ଭାବରେ ଗ୍ରହଣ କରି ନାହାନ୍ତି; ବରଂ ଦେଶର ଅର୍ଥନୈତିକ ବିକାଶରେ ଏକ ପ୍ରମୁଖ ସହାୟକ ଭାବେ ପ୍ରମାଣିତ କରିଛନ୍ତି । ବୈଠକରେ ଶ୍ରୀ ଗୋୟଲ୍ ମୋଜାମ୍ବିକ୍‌ର ଅର୍ଥମନ୍ତ୍ରୀଙ୍କ ସହ ଦ୍ୱିପକ୍ଷୀୟ ବୈଠକରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଓ ନିବେଶକୁ ଆହୁରି ଦୃଢ଼ କରିବାପାଇଁ ଆଲୋଚନା କରିଛନ୍ତି ।

## ଆଇ.ପି.ଏଲ୍. - କ୍ରିକେଟ୍

ଇଣ୍ଡିଆନ୍ ପ୍ରିମିୟର ଲିଗ୍ - ଆଇ.ପି.ଏଲ୍. କ୍ରିକେଟ୍‌ର ୧୯ତମ ସଂସ୍କରଣ ଗତସନ୍ଧ୍ୟାରେ ବେଙ୍ଗାଲୁରୁଠାରେ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୬ ୱିକେଟ୍‌ରେ ସନ୍‌ରାଇଜର୍ସ

ହାଇଦ୍ରାବଦକୁ ପରାସ୍ତ କରିଛି । ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ୨୦୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆର୍.ସି.ବି. ମାତ୍ର ୧୫ ଓଭର ୪ଟି ବଲ୍‌ରେ ୨୦୦ରୁ ଅଧିକ ରନ୍ ସ୍କୋର୍ କରି ରେକର୍ଡ଼ କରିଛି । ବିରାଟ କୋହଲି ଅଣସ୍ତରି ଏବଂ ଦେବଦତ୍ତ ପାଡ଼ିକଲ୍ ୬୧ ରନ୍ ସ୍କୋର କରିଥିଲେ । ଟସ୍ ଜିତି ଆର୍.ସି.ବି. ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସନ୍‌ରାଇଜର୍ସ ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ବିନିମୟରେ ୨୦୧ ରନ୍ ସ୍କୋର୍ କରିଥିଲା ।

ଆଇ.ପି.ଏଲ୍.ର ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ ଆଜି ସନ୍ଧ୍ୟା ୭ଟା ୩୦ରେ କୋଲ୍‌କାତା ନାଇଟ୍ ରାଇଡର୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## କୋହଲି – ୪୦୦୦ ଆଇ.ପି.ଏଲ୍. ରନ୍

ବିରାଟ କୋହଲି ଆଇ.ପି.ଏଲ୍. ଇତିହାସରେ ପ୍ରଥମ ବ୍ୟାଟ୍‌ସମ୍ୟାନ ଭାବେ ୪ ହଜାର ରନ୍ ସ୍କୋର୍ କରି ରେକର୍ଡ଼ ସୃଷ୍ଟି କରିଛନ୍ତି । ଗତ ସନ୍ଧ୍ୟାରେ ଅନୁଷ୍ଠିତ ୧୯ତମ ଆଇ.ପି.ଏଲ୍. କ୍ରିକେଟ୍‌ର ପ୍ରଥମ ମ୍ୟାଚ୍‌ରେ ସେ ଏହି ସଫଳତା ହାସଲ କରିଛନ୍ତି । ପାକିସ୍ତାନର ପୂର୍ବତନ ବ୍ୟାଟ୍‌ସମ୍ୟାନ

ସୋଏବ୍ ମଲିକଙ୍କୁ ଅତିକ୍ରମ କରି ବିରାଟ କୋହଲି ଟି-ଟ୍ୱେଣ୍ଟି କ୍ରିକେଟ୍‌ରେ ଷଷ୍ଠ ସର୍ବାଧିକ ରନ୍ ସଂଗ୍ରହକାରୀ ଆଖ୍ୟା ଅର୍ଜନ କରିଛନ୍ତି ।

## ଖେଲୋ ଇଣ୍ଡିଆ - ଟ୍ରାଇବାଲ୍ ଗେମ୍ସ

ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା-୨୦୨୬ର ଚତୁର୍ଥ ଦିନରେ ଛତିଶଗଡ଼ର ଭାରୋତ୍ତୋଳନକାରୀ ନିକିତା ଏବଂ ଓଡ଼ିଶାର ମହିଳା ସନ୍ତରଣକାରୀମାନେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ୭୮ କିଲୋଗ୍ରାମ୍ ବର୍ଗରେ ନିକିତା ସ୍ୱର୍ଣ୍ଣପଦକ ଜିତିଥିବାବେଳେ ସନ୍ତରଣରେ ଓଡ଼ିଶାର ରିତିକା ମିଞ୍ଜ୍ ୧୦୦ ମିଟର ଫ୍ରି-ଷ୍ଟାଇଲ୍, ଅଞ୍ଜଳି ମୁଣ୍ଡା ୫୦ ମିଟର ବ୍ୟାକ୍ ଷ୍ଟ୍ରୋକ୍ ଏବଂ ୪ ଗୁଣନ ୧୦୦ ମିଟର ମିଡ୍‌ଲେ ରିଲେରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

ସେହିପରି ଅରୁଣାଚଳ ପ୍ରଦେଶର ପୁରୁଷ ଭାରୋତ୍ତୋଳନକାରୀ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଗତକାଲି ସୁଦ୍ଧା କର୍ଣ୍ଣାଟକ ୧୫ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଏବଂ ୩ଟି କାଂସ୍ୟ ପଦକ ସହ ତାଲିକାର ଶୀର୍ଷରେ ଥିବାବେଳେ ଓଡ଼ିଶା ୭ଟି ସ୍ୱର୍ଣ୍ଣ, ୩ଟି ରୋପ୍ୟ ଏବଂ ୧୦ଟି କାଂସ୍ୟ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି ।

*****